

ଦକ୍ଷିଣ ଏସିଆର ଅଧିକାଂଶ ଲୋକ ଅପପୁଷ୍ଟିରେ ଶିକାର ହୋଇଥାଆନ୍ତି । ଏହି ଅଞ୍ଚଳର ଲୋକମାନେ ମୁଖ୍ୟତଃ କୃଷି ଓ କୃଷି ସହ ଜଡ଼ିତ ଅନ୍ୟାନ୍ୟ କାର୍ଯ୍ୟ ଯଥା; କୁକୁଡା ଚାଷ, ମତ୍ସ୍ୟ ଚାଷ, ଛେଳି/ମେଣ୍ଢା ପାଳନ, ପନିପରିବା ଚାଷ ଇତ୍ୟାଦି ଉପରେ ନିର୍ଭରଶୀଳ । ଯେହେତୁ ଏମାନେ କୃଷି ଉପରେ ନିର୍ଭରଶୀଳ, ତେଣୁ କୃଷି କ୍ଷମତାକୁ ସଦୁପଯୋଗ କରି ଏହି ଅଞ୍ଚଳର ପୁଷ୍ଟିଗତ ସମସ୍ୟାର ଉନ୍ନତି ନିମନ୍ତେ କାର୍ଯ୍ୟ କରିବା ପାଇଁ ଏହା ଏକ ସୁଯୋଗ ସୃଷ୍ଟି କରିଅଛି । ଏ ଅଞ୍ଚଳର ଅପପୁଷ୍ଟି ଦୁରୀକରଣ ପାଇଁ ଏମ୍.ଏସ୍.ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ (ଏମ୍ ଏସ୍ ଏସ୍ ଆର୍ ଏଫ୍) " ପୁଷ୍ଟି ସାଧନ ପାଇଁ କୃଷି ପ୍ରଣାଳୀ" ନାମକ ଏକ ଗବେଷଣାତ୍ମକ ଅଧ୍ୟୟନ ହାତକୁ ନେଇଅଛି । ଏହା ମାଧ୍ୟମରେ ଗ୍ରାମୀଣ ପରିବାରର ପୋଷଣ ଜନିତ ଆବଶ୍ୟକତାକୁ ପୂରଣ କରିବା ସକାଶେ ବିଭିନ୍ନ ଫସଲର ପର୍ଯ୍ୟାୟ ଚାଷ ସହିତ ପଶୁପାଳନ ଓ ଆବଶ୍ୟକ ସ୍ଥଳେ ମତ୍ସ୍ୟ ଚାଷ ଏବଂ ପୋଷଣ ବଗିଚାର ସମନ୍ୱୟକୁ ଗୁରୁତ୍ୱ ଦିଆଯାଇଅଛି ।

ପୋଷଣ ବଗିଚା ହେଉଛି ପ୍ରାକୃତିକ ଓ ଜୈବ ପୁଷ୍ଟିଯୁକ୍ତ ବିଭିନ୍ନ ପ୍ରକାର ଫଳ ଏବଂ ଉଚ୍ଚ ପୌଷ୍ଟିକଯୁକ୍ତ ବିଭିନ୍ନ ପନିପରିବାର ଏକ ଘରୋଇ ବଗିଚା । ଏହି ବଗିଚା ମାଧ୍ୟମରେ ସୂକ୍ଷ୍ମ ପୋଷକ ଅଭାବଜନିତ ରୋଗର (ରକ୍ତହିନତା, ଜୀବସାର'କ') ଦୂରୀକରଣ ସକାଶେ ବିଭିନ୍ନ ପ୍ରକାର ଫଳଗଛ ସହିତ ତିନି ପ୍ରକାରର ପନିପରିବା ଯଥା; ବିଭିନ୍ନ ପ୍ରକାରର ସବୁଜ ଶାଗ, ମୂଳ ବା କନ୍ଦାଜାତୀୟ ପନିପରିବା ଏବଂ ଅନ୍ୟାନ୍ୟ ପନିପରିବା ରହିବା ନିହାତି ଆବଶ୍ୟକ । ଏହି ପୁଷ୍ଟିଯୁକ୍ତ ବଗିଚା ସ୍ଥାପନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଆମର ଦୈନନ୍ଦିନ ଭୋଜନ ଥାଳିରେ ପୁଷ୍ଟିଯୁକ୍ତ ଫଳ ଓ ପନିପରିବାର ଉପଲବ୍ଧତା ଓ ବ୍ୟବହାରରେ ଅଭିବୃଦ୍ଧି ସହିତ ଗ୍ରାମୀଣ ଲୋକମାନଙ୍କ ମଧ୍ୟରେ ସୂକ୍ଷ୍ମପୋଷକ ଅଭାବଜନିତ ରୋଗର ନିରାକରଣ ପାଇଁ ଫଳ ଓ ପନିପରିବାର ଆବଶ୍ୟକତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ।

**ଅଧ୍ୟୟନ କ୍ଷେତ୍ର:** ଏହି କାର୍ଯ୍ୟକ୍ରମଟି ଓଡିଶାର କୋରାପୁଟ ଜିଲ୍ଲା ଅନ୍ତର୍ଗତ ବୈପାରୀଗୁଡା ବ୍ଲକ୍ ଅଧିନସ୍ଥ ଚନ୍ଦ୍ରପଡା ଓ ବୋଦାପୁଟ ଗ୍ରାମ ପଞ୍ଚାୟତର ୭ଟି ଗ୍ରାମରେ (୭୫୮ଟି ପରିବାର ସହିତ ୨୮୪୫ ଜନସଂଖ୍ୟା) କାର୍ଯ୍ୟକାରୀ ହୋଇ ଆସୁଅଛି । ଏହି ଅଞ୍ଚଳରେ ଅପପୁଷ୍ଟିର ହାର ସର୍ବାଧିକ ଏବଂ ଏଠିକାର କୃଷି ପ୍ରଣାଳୀ ମୁଖ୍ୟତଃ ବର୍ଷାଜଳ ଉପରେ ହିଁ ନିର୍ଭର କରିଥାଏ ।

ଏହି ଅଧ୍ୟୟନ କ୍ଷେତ୍ରରେ ଶତକଡା ୪୦ ଭାଗରୁ ସାମାନ୍ୟ ଅଧିକ ଜନସଂଖ୍ୟା ଅନୁସୂଚିତ ଜନଜାତି ଅନ୍ତର୍ଭୁକ୍ତ ଅଟନ୍ତି । ୨୦୧୪ ମସିହାରେ ହୋଇଥିବା ପ୍ରାଥମିକ ସର୍ବେକ୍ଷଣରୁ ଏ ଅଞ୍ଚଳ ସର୍ବାଧିକ କୁପୋଷଣ ଓ ସୂକ୍ଷ୍ମ ପୋଷକ ତତ୍ତ୍ୱର ଅଭାବ ବିଷୟରେ ଜଣାପଡିଥିଲା, ସେଗୁଡିକ ହେଲା:



Fig. 1: FSN Study locations in Odisha

- ଜନ୍ମରୁ ୫ ବର୍ଷ ବୟସ ଶିଶୁ ମାନଙ୍କ ମଧ୍ୟରେ ୪୭ ପ୍ରତିଶତ ଶିଶୁଙ୍କର ଓଜନ ସେମାନଙ୍କର ବୟସ ଅନୁସାରେ କମ୍ ହେବା, ୩୭ ପ୍ରତିଶତ ଶିଶୁଙ୍କର ଉଚ୍ଚତା ସେମାନଙ୍କର ବୟସ ଅନୁସାରେ କମ୍ ହେବା, ୨୭ ପ୍ରତିଶତ ଶିଶୁଙ୍କର ଉଚ୍ଚତା ସେମାନଙ୍କର ଓଜନ ଅନୁସାରେ କମ୍ ହେବା ଏବଂ ୩୭ ପ୍ରତିଶତ ଶିଶୁଙ୍କର ଜୀବସାର 'କ' ଅଭାବ ରହିଥିବା ଜଣା ଯାଇଥିଲା ।
- ୧୮ ବର୍ଷରୁ ଉର୍ଦ୍ଧ୍ୱ ୪୩ ପ୍ରତିଶତ ପୁରୁଷ ଓ ୪୭ ପ୍ରତିଶତ ସ୍ତ୍ରୀ କୁ-ପୋଷଣର ଶିକାର ହେବା ।
- ୫ ବର୍ଷ ବୟସ ମଧ୍ୟରେ ଥିବା ଶିଶୁ, କିଶୋରୀ ବାଳିକା ଏବଂ ୧୮ ରୁ ୪୫ ବର୍ଷ ମଧ୍ୟରେ ଥିବା ମହିଳା ମାନଙ୍କ ମଧ୍ୟରେ ରକ୍ତହିନତାର ହାର ୭୦ ପ୍ରତିଶତରୁ ଅଧିକ ହେବା ।
- ଲୋକମାନଙ୍କର ଖାଦ୍ୟ ଆହରଣ କ୍ଷେତ୍ରରେ ଚାଉଳ ଓ ମାଣ୍ଡିଆ ମୁଖ୍ୟ ଉପାଦାନ ରହିବା କିନ୍ତୁ ଅନ୍ୟାନ୍ୟ ଖାଦ୍ୟ ପଦାର୍ଥ ଯଥା ଡାଲି, ପନିପରିବା, ଫଳମୂଳ, ପ୍ରାଣୀଜ ଖାଦ୍ୟ ଇତ୍ୟାଦି ଅନୁମୋଦିତ ଖାଦ୍ୟ ପରିମାଣ ଠାରୁ ଯଥେଷ୍ଟ କମ୍ ହେବା ମଧ୍ୟ ଜଣା ପଡିଥିଲା ।

ପ୍ରାଥମିକ ସର୍ବେକ୍ଷଣର ଫଳାଫଳକୁ ଭିତ୍ତି କରି ଗ୍ରାମବାସୀଙ୍କ ସହମତିରେ ବିଭିନ୍ନ ପ୍ରକାର ପୋଷଣ ଯୁକ୍ତ ଫସଲ ଚାଷ ସହିତ ପୋଷଣ ବଗିଚା ସ୍ଥାପନ କରାଯାଇଥିଲା । ସାଧାରଣତଃ ଏହି ପୋଷଣ ବଗିଚା ଦୁଇଟି ସ୍ତରରେ ଯଥା; କ) ପାରିବାରିକ ଏବଂ ଖ) ବିଦ୍ୟାଳୟ ସ୍ତରରେ ସ୍ଥାପନ କରାଯାଇଥିଲା ।






ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ପନିପରିବା ଓ ଫଳର ଏକ ଋତୁକାଳୀନ ତାଲିକା ପ୍ରସ୍ତୁତ କରିବା ସହ ବିହନ ଓ ଚାରା ବିତରଣ କରାଯାଇଥିଲା (ଏହି ଋତୁକାଳୀନ ପନିପରିବାର ଏକ ତାଲିକା ସାରଣୀ-୧ ରେ ଚିତ୍ରଣ କରାଯାଇଛି) । ଚାଷୀ ପରିବାରମାନଙ୍କୁ ବିଭିନ୍ନ ପ୍ରକାର ଋତୁକାଳୀନ ପନିପରିବାର ଉନ୍ନତ ଚାଷ ପ୍ରଣାଳୀ ସହିତ ବଗିଚାର ନକ୍ସା କିଭଳି ହେବା ଆବଶ୍ୟକ ସେ ବିଷୟରେ ବୈଷୟିକ ଜ୍ଞାନ ଓ ତାଲିମ ପ୍ରଦାନ କରାଯାଇଥିଲା । ପୋଷଣ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପନିପରିବା ଖାଇବାର ଉପକାରିତା ଏବଂ ନିର୍ଦ୍ଦିଷ୍ଟ ପୋଷକ ତତ୍ତ୍ୱ ଥିବା ପନିପରିବା ଏବଂ ସେଗୁଡିକର ରୋଷେଇ ପ୍ରଣାଳୀ ସମ୍ବନ୍ଧରେ ଅବଗତ କରାଯାଇଥିଲା ।

ସାରଣୀ-୧ : ପୋଷଣ ବଗିଚାରେ ଉପଲବ୍ଧ ହେଉଥିବା ବିଭିନ୍ନ ପ୍ରକାର ଫଳ ଓ ଋତୁକାଳୀନ ପନିପରିବା

| | | | |
|---|---|---|---|
| ଫଳ ଓ ବୃକ୍ଷ ଜାତୀୟ | ଅମୃତଭଣ୍ଡା, ଅଁଳା, ଆମ୍ବ, କଦଳୀ, ଡାଳିମ୍ବ, ପିଜୁଳି, ଭୃଶଙ୍ଗ, ଲେମ୍ବୁ, ସଜନା (ମୁନିଙ୍ଗା), ସୀତାଫଳ | | |
| ଋତୁ ⇩ | ଶାଗ ଜାତୀୟ ପନିପରିବା | କନ୍ଦା ବା ମୂଳ ଜାତୀୟ | ଅନ୍ୟାନ ପନିପରିବା |
| ବର୍ଷା ଦିନିଆ ପନିପରିବା | ଭାଜି ଶାଗ, ଖଡା ଶାଗ, ଧନିଆ ପତ୍ର | ଲଙ୍କଳ କନ୍ଦା, ସାରୁ, ଓଲୁଅ, କମଳା ରଙ୍ଗ ଯୁକ୍ତ କନ୍ଦମୂଳ | ଝୁଡୁଙ୍ଗ, ଗୁଆଁର, ବିନ୍ସ୍, ଭେଣ୍ଡି, କଲରା, ବାଇଗଣ, ଲାଉ, ଜହ୍ନି, କଖାରୁ, ଶିମ୍ବ, କୁନ୍ଦୁରୀ, ପାଣି କଖାରୁ, କାକୁଡି, କଞ୍ଚା ଲଙ୍କା, ଟମାଟୋ, କାଙ୍କଡ |
| ଶୀତ ଦିନିଆ ପନିପରିବା | ଭାଜି ଶାଗ, ଖଡା ଶାଗ, ଲେଉଟିଆ ଶାଗ, ପାଳଙ୍ଗ ଶାଗ, ଧନିଆ ପତ୍ର, ପିଆଜ ମଙ୍ଗା | ବିଟ୍, ଗାଜର, ମୂଳା | କଞ୍ଚା ଲଙ୍କା, ବାଇଗଣ, ଗୁଆଁର, ଟମାଟୋ, ବନ୍ଧାକୋବି, ଫୁଲକୋବି, ଗଣ୍ଠିକୋବି, ବିନସ୍ |




**କ) ପାରିବାରିକ ପୋଷଣ ବଗିଚା:** ଏହି ପୋଷଣ ବଗିଚା ସାଧାରଣତଃ ରକ୍ତହିନତା କିମ୍ବା ଜୀବସାର 'କ' ଅଭାବ ଥିବା ବ୍ୟକ୍ତିବିଶେଷଙ୍କ ପରିବାର ପାଇଁ ଉଦ୍ଧିଷ୍ଟ, ଯେଉଁମାନଙ୍କର ଘର ପାଖକୁ ଲାଗି କିଛି ଜାଗାର ଉପଲବ୍ଧତା ଥିବ । ଏହି ବଗିଚାର କ୍ଷେତ୍ରଫଳ ବିଭିନ୍ନ ପରିବାରର ଜାଗାର ଉପଲବ୍ଧତାକୁ ନେଇ ୮୦ ବର୍ଗ.ମି ରୁ ଆରମ୍ଭ କରି ୬୦୦ ବର୍ଗ.ମି ପର୍ଯ୍ୟନ୍ତ ନିଆଯାଇଥିଲା । ୨୦୧୬ ମସିହାରେ  ଏହିଭଳି ମୋଟ ୨୧୫ ଟି ପାରିବାରିକ ପୋଷଣ ବଗିଚା ସ୍ଥାପନ କରାଯାଇ ସେହି ପରିବାରର ସଦସ୍ୟଙ୍କ ଦ୍ୱାରା ରକ୍ଷଣାବେକ୍ଷଣ ଓ ପରିଚାଳନା କରାଯାଉଅଛି । କିଛି ପରିବାର ନିଜର ଆବଶ୍ୟକତା ପୂରଣ ପରେ ଅବଶିଷ୍ଟ ପନିପରିବାକୁ ସାହି ପଡିଶାରେ ବାଣ୍ଟିବା ସହ ସେହି ଅଞ୍ଚଳର ସାପ୍ତାହିକ ବଜାରରେ ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଇବାର ନଜିର ମଧ୍ୟ ରହିଛି ।






ମୁଁ ଏହି ଘରବାଡି ବଗିଚା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଜଡିତ ଅଛି, ଯେଉଁଠାରେ କି ମୁଁ ନୂଆ କରି ଚାଷ କରାଯାଇଥିବା କମଳା ରଙ୍ଗଯୁକ୍ତ କନ୍ଦମୂଳ ସହିତ, ଅମୃତଭଣ୍ଡା, ମୁନିଙ୍ଗା ଏବଂ ବିଭିନ୍ନ ପ୍ରକାର ଋତୁକାଳୀନ ପନିପରିବା ଚାଷ କରେ । ମୋର ପିଲାମାନେ କମଳା ରଙ୍ଗଯୁକ୍ତ କନ୍ଦମୂଳ ଖାଇବାକୁ ବହୁତ ପସନ୍ଦ କରନ୍ତି ଏବଂ ମୁଁ ସଚେତନ ଅଛି ଯେ, କମଳା ରଙ୍ଗଯୁକ୍ତ ସମସ୍ତ ପନିପରିବା ଓ ଫଳ ଦୃଷ୍ଟିଶକ୍ତି ନିମନ୍ତେ ନିହାତି ଆବଶ୍ୟକ । ଆଗରୁ ମୋତେ ଗାଜର ଓ ଧନିଆ ପତ୍ରର ଉପକାରିତା ବିଷୟରେ ଜଣାନଥିଲା କିନ୍ତୁ ପୁଷ୍ଟି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଏବେ ମୁଁ ଓ ମୋ ପରିବାର ଗାଜର ଓ ଧନିଆ ପତ୍ର ଖାଇବା ଆରମ୍ଭ କରିଛୁ ।

*(ଶ୍ରୀ ଘେନୁ ଖିଲ, ଏହି କାର୍ଯ୍ୟକ୍ରମରେ ଜଡିତ ଅଟ୍ଟାଳଗୁଡା ଗ୍ରାମର ଜଣେ ସଫଳ ଚାଷୀ । ସେ ତାଙ୍କର ମତାମତ ବ୍ଲକ୍ ସ୍ତରୀୟ " ପୁଷ୍ଟି ପାଇଁ କୃଷି ପ୍ରଣାଳୀ" ପରାମର୍ଶ ସମ୍ମିଳନୀ, ବୈପାରୀଗୁଡା, କୋରାପୁଟ ଠାରେ ତା ୨୭ ଏପ୍ରିଲ୍ ୨୦୧୭ ରେ ଉପସ୍ଥାପନ କରିଥିଲେ)*

**ଖ) ବିଦ୍ୟାଳୟ ପୋଷଣ ବଗିଚା:** ବିଦ୍ୟାଳୟ ସ୍ତରରେ ଏହି ପୋଷଣ ବଗିଚା କୋରାପୁଟ ଜିଲ୍ଲାର ୪ ଗୋଟି ବିଦ୍ୟାଳୟ ପରିସରରେ ସ୍ଥାପନ କରାଯାଇଛି । ଏହା ପ୍ରତିଦିନ କିଛି ମାତ୍ରାରେ ତଟକା ପନିପରିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ମଧ୍ୟାହ୍ନ ଭୋଜନରେ ସହାୟକ ହୋଇଥାଏ । ପ୍ରାଥମିକ ଭାବେ ବିଦ୍ୟାଳୟର ପାଚିକା ଓ ଗ୍ରାମ୍ୟସ୍ତରରେ ଥିବା ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଏହି ବଗିଚାର ରକ୍ଷଣାବେକ୍ଷଣ ଓ ପରିଚାଳନା କରାଯାଇଥିଲା । ଉକ୍ତ ବଗିଚାରୁ ମିଳୁଥିବା ପନିପରିବା ଛାତ୍ରଛାତ୍ରୀ ମାନଙ୍କର ମଧ୍ୟାହ୍ନ ଭୋଜନ ପାଇଁ ଯଥେଷ୍ଟ ହେଉନଥିଲେ ମଧ୍ୟ ଏହା ସେମାନଙ୍କ ପାଇଁ ପୁଷ୍ଟି ସଚେତନତା ସହ ବିଭିନ୍ନ ପନିପରିବାର ଉପକାରିତା ଓ ସେଗୁଡିକ ମଧ୍ୟରେ ଥିବା ପୋଷକ ତତ୍ତ୍ୱ ସମ୍ବନ୍ଧରେ କିଛି ଧାରଣା ସୃଷ୍ଟି କରିପାରିଛି । ଏହି ପ୍ରୟାସର ଅନ୍ୟ ଏକ ଦିଗଟି ହେଲା ଛାତ୍ରଛାତ୍ରୀମାନେ ନିଜ ପରିଜନମାନଙ୍କୁ ଏହାର ଉପକାରିତା ସମ୍ବନ୍ଧରେ ପ୍ରବର୍ତ୍ତାଇବା ସହିତ ସେମାନେ ନିଜ ନିଜ ବାଡି ବଗିଚାରେ ଏଭଳି ପୋଷଣ ବଗିଚା ସ୍ଥାପନ ପାଇଁ ଏକ ସକାରାତ୍ମକ ପ୍ରଭାବ ପକାଇପାରିଛି । ଏହି କାର୍ଯ୍ୟକ୍ରମ ପାଇଁ ବିଦ୍ୟାଳୟର ଶିକ୍ଷକ ମାନଙ୍କର ସକାରାତ୍ମକ ମନୋଭାବ ଓ ଅବଦାନ ଏହାକୁ ଆଗକୁ ବଢାଇବା ପାଇଁ ସାହାଯ୍ୟ କରି ଆସୁଅଛି । ନିକଟ ଅତୀତରେ ଜିଲ୍ଲା ଶିକ୍ଷା ଅଧିକାରୀ ଗୋଟିଏ ବିଦ୍ୟାଳୟର ପୋଷଣ ବଗିଚା ପରିଦର୍ଶନ କରିବାପରେ, ଏହି ପ୍ରକାରର ବଗିଚା ପ୍ରତ୍ୟେକ ବିଦ୍ୟାଳୟରେ ସ୍ଥାପନ କରିବା ପାଇଁ ମତାମତ ଦେଇଥିଲେ ।





**ଭବିଷ୍ୟତ କାର୍ଯ୍ୟପନ୍ଥା:** ବିହନ ସଂରକ୍ଷଣ ଯଦିଓ ସେମାନଙ୍କର ପାରମ୍ପାରିକ ରୀତି ତଥାପି ପୋଷଣଯୁକ୍ତ ପନିପରିବା ଚାଷ ପାଇଁ ସେମାନେ କିଭଳି ଆଗାମୀ ଋତୁ ପାଇଁ ସୁସ୍ଥ ବିହନ ସଂରକ୍ଷଣ କରି ରଖିପାରିବେ ସେ ଦିଗରେ ସେମାନଙ୍କୁ ତାଲିମ ଦେବା ସଙ୍ଗେସଙ୍ଗେ କ୍ଷେତ୍ର ପ୍ରଦର୍ଶନର ମଧ୍ୟ ଆୟୋଜନ କରାଯାଇଥିଲା ।

ପାରିବାରିକ ପୋଷଣ ବଗିଚା ଓ ବିଦ୍ୟାଳୟ ସ୍ତରୀୟ ପୋଷଣ ବଗିଚା ଏକ ଉଚ୍ଚ ପ୍ରଶଂସିତ କାର୍ଯ୍ୟକ୍ରମ । ବୈପାରୀଗୁଡାରେ ଆୟୋଜନ କରାଯାଇ ଥିବା ବ୍ଲକ୍ ସ୍ତରୀୟ ପରାମର୍ଶ ସମ୍ମିଳନୀରେ, ଏମ୍ ଏସ୍ ଏସ୍ ଆର୍ ଏଫ୍ ର ବୈଷୟିକ ସହାୟତାରେ ଏହିଭଳି ଅଧିକ ବିଦ୍ୟାଳୟ ଓ ଅଙ୍ଗନଓ୍ୱାଡି ସ୍ତରୀୟ ପୋଷଣ ବଗିଚା ସ୍ଥାପନ କରିବା ପାଇଁ ସରକାରୀ କର୍ମଚାରୀ ମାନେ ଆଗ୍ରହ ପ୍ରକାଶ କରିଥିଲେ ।

**ଫେବୃୟାରୀ-୨୦୧୮**

**ମୂଳ ଲେଖା:** ଏଲିଜା ପ୍ରଧାନ, ସଂଯୋଜକ, ଏଫ୍ ଏସ୍ ଏନ୍ ଅଧ୍ୟୟନ, ଲାନ୍‌ସା; ଅକ୍ଷୟ କୁମାର ପଣ୍ଡା, ସଂଯୋଜକ, ଏଫ୍ ଏସ୍ ଏନ୍ ଅଧ୍ୟୟନ, କୋରାପୁଟ; ଡି.ଜେ.ନିତ୍ୟା, ବୈଜ୍ଞାନିକ, ପୁଷ୍ଟିସାଧନ ଏବଂ ଆର୍.ଭି.ଭବାନୀ, କାର୍ଯ୍ୟକ୍ରମ ପରିଚାଳକ, ଲାନ୍‌ସା, ଏମ୍.ଏସ୍.ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ ।

**ଓଡିଆ ଅନୁବାଦ:** ଅକ୍ଷୟ କୁମାର ପଣ୍ଡା, ସଂଯୋଜକ, ଏଫ୍ ଏସ୍ ଏନ୍ ଅଧ୍ୟୟନ, କୋରାପୁଟ; ଜଗନ୍ନାଥ ନାୟକ, ବୈଷୟିକ ସହାୟକ; ନରେଶ ଚନ୍ଦ୍ର ପାତ୍ର, ବୈଷୟିକ ସହାୟକ; ସୁଶାନ୍ତ କୁମାର ମିଶ୍ର, ପ୍ରକଳ୍ପ ସହାୟକ, ଏଫ୍ ଏସ୍ ଏନ୍ ଅଧ୍ୟୟନ, କୋରାପୁଟ ।

**ବୈଷୟିକ ସହାୟତା:** ନରେଶ ଚନ୍ଦ୍ର ପାତ୍ର, ବୈଷୟିକ ସହାୟକ, ଏଫ୍ ଏସ୍ ଏନ୍ ଅଧ୍ୟୟନ, କୋରାପୁଟ ।

This study is part of ongoing research under the LANSA Research Consortium and is funded by UK Aid from Government. This views expressed do not necessarily reflect the UK government's official policies.